# NATIONAL NEWS BULLETIN (ODIA)

**2 February - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ସଂସଦରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଲୋକସଭାରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନା ଜାରି

– ବିକଶିତ ଭାରତ ଗଠନ ଦିଗରେ ସାମାଜିକ ନ୍ୟାୟ ଓ ସମାବେଶୀ ବିକାଶ ପାଇଁ ସରକାରଙ୍କ ଲକ୍ଷ୍ୟ

- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜିଠାରୁ ୬ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି
- ଦେଶରେ ୭ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରୀ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟରେ ପଢୁଛନ୍ତି, ଲୋକସଭାରେ କହିଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ
- ଖଣିଜ ସଂକ୍ରାନ୍ତୀୟ ମନ୍ତ୍ରୀସ୍ତରୀୟ ବୈଠକରେ ଯୋଗଦେବା ପାଇଁ ଆଜିଠାରୁ ୩ ଦିନିଆ ଗସ୍ତରେ ଆମେରିକା ଯିବେ ବୈଦେଶିକ ବ୍ୟାପାର ମନ୍ତ୍ରୀ

ଏବଂ

- ବିବିସି ଭାରତୀୟ ମହିଳା କ୍ରୀଡ଼ାବିତ୍-୨୦୨୫ ପୁରସ୍କାର ପାଇଁ ୩ ଜଣ ଖେଳାଳି ମନୋନୀତ

---

## ଏଲ୍‌ଏସ୍–ମୋସନ ଅଫ୍ ଥ୍ୟାଙ୍କ୍‌ସ

ସଂସଦର ଉଭୟ ସଦନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଭିଭାଷଣ ଉପରେ ଲୋକସଭାରେ ଆଜି ଧନ୍ୟବାଦ ପ୍ରସ୍ତାବ ସଂକ୍ରାନ୍ତ

ଆଲୋଚନା ଆରମ୍ଭ ହୋଇଛି । ଆଜି ଲୋକସଭାରେ ଧନ୍ୟବାଦ ପ୍ରସ୍ତାବ ଉପରେ ଆଲୋଚନା ରଖି କେନ୍ଦ୍ର ମନ୍ତ୍ରୀ ତଥା ବିଜେପି ସାଂସଦ ସର୍ବାନନ୍ଦ ସୋନଓ୍ୱାଲ କହିଛନ୍ତି, ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଭିଭାଷଣ ଉଲ୍ଲେଖନୀୟ । ସେ କହିଛନ୍ତି, ଦେଶର ଭବିଷ୍ୟତ ପାଇଁ ତାଙ୍କର ଅଭିଭାଷଣ ଏକ ପ୍ରୋତ୍ସାହନ ମୂଳକ ଦୃଷ୍ଟିକୋଣ ପ୍ରଦାନ କରୁଛି । ବିକଶିତ ଭାରତ ଗଠନ ଦିଗରେ ସାମାଜିକ ନ୍ୟାୟ, ସମାବେଶୀ ବିକାଶ ପାଇଁ ସରକାରଙ୍କର ଲକ୍ଷ୍ୟ ରହିଥିବା ସେ କହିଛନ୍ତି । ଏହାର ସଫଳ ରୂପାୟନ ଲାଗି ସରକାରଙ୍କର ସବ୍ କା ସାଥ୍-ସବ୍ କା ବିକାଶ-ସବ୍କା ବିଶ୍ୱାସ ଏବଂ ସବ୍କା ପ୍ରୟାସର ମନ୍ତ୍ର ରହିଛି । ଏହା ଏକ ସ୍ଲୋଗାନ ନୁହେଁ, ବରଂ ସରକାରଙ୍କ ପାଇଁ ଏକ ମାର୍ଗଦର୍ଶିକା ବୋଲି ସେ କହିଛନ୍ତି ।

ଶ୍ରୀ ସୋନଓ୍ୱାଲ କହିଛନ୍ତି, ୨୦୧୪ ମସିହା ପୂର୍ବରୁ କଂଗ୍ରେସ ନେତୃତ୍ୱାଧୀନ ସରକାରଙ୍କ ଅମଳରେ ଭାରତରେ ଦୁର୍ନୀତି ପରିଚାଳିତ ସରକାର, ପ୍ରକଳ୍ପ କାର୍ଯ୍ୟକାରୀ କ୍ଷେତ୍ରରେ ବିଳମ୍ବତା, ନୀତି ନିର୍ଦ୍ଧାରଣରେ ମନ୍ଥରତା ଆଦି ଦେଖା ଦେଇଥିଲା ।

୨୦୧୪ ମସିହାରେ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ଆସିବା ପରେ ଭାରତର ଦ୍ରୁତ ଅଭିବୃଦ୍ଧି ଏବଂ ସର୍ବାଙ୍ଗୀନ ବିକାଶ ହୋଇପାରିଛି ଏବଂ ଭାରତ ବିଶ୍ୱର ଚତୁର୍ଥ ବୃହତ୍ତମ ଅର୍ଥନୈତିକ ରାଷ୍ଟ୍ର ହୋଇଛି । ସେ କହିଛନ୍ତି, ଦେଶ’ ବିକଶିତ ଭାରତର ଲକ୍ଷ୍ୟ ପୂରଣ ଦିଗରେ ଅଗ୍ରସର ହେଉଛି । ହିତାଧିକାରୀମାନଙ୍କ ଆକାଉଣ୍ଟକୁ ଡିବିଟି ଜରିଆରେ ୪୪ ଲକ୍ଷ କୋଟି ଟଙ୍କା ପ୍ରତ୍ୟକ୍ଷ ହସ୍ତାନ୍ତର କରାଯାଇଛି ବୋଲି ଶ୍ରୀ ସୋନଓ୍ୱାଲ କହିଛନ୍ତି । ସରକାରଙ୍କ ବିଭିନ୍ନ ଜନମଙ୍ଗଳକାରୀ ଯୋଜନା

ଯୋଗୁଁ ୨୫ କୋଟି ଲୋକଙ୍କୁ ଦାରିଦ୍ର୍ୟମୁକ୍ତ କରାଯାଇଛି ବୋଲି ସେ ସୂଚନା ଦେଇଛନ୍ତି ।

ଲୋକସଭାରେ ସର୍ବାନନ୍ଦ ସୋନୱାଲଙ୍କ ଦ୍ୱାରା ଆଗତ ଧନ୍ୟବାଦ ପ୍ରସ୍ତାବକୁ ବିଜେପିର ତେଜସ୍ୱୀ ସୂର୍ଯ୍ୟ ସମର୍ଥନ ଜଣାଇଛନ୍ତି । ସେ କହିଛନ୍ତି, ଗତ ୧୨ ବର୍ଷ ମଧ୍ୟରେ ସରକାରଙ୍କ ବିରୁଦ୍ଧରେ କୌଣସି ଦୁର୍ନୀତି ଅଭିଯୋଗ ଆସିନାହିଁ । ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ଜନସାଧାରଣଙ୍କ ଆଶା ଓ ଆକାଂକ୍ଷାକୁ ପୂର୍ଣ୍ଣ କରିପାରିଛନ୍ତି ଏବଂ ଦେଶର ଯୁବବର୍ଗଙ୍କୁ ଭବିଷ୍ୟତ ପାଇଁ ଅଧିକ ସଶକ୍ତ କରିପାରିଛନ୍ତି ।

---

# ପ୍ରେଜ୍-ଭିଜିଟ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜିଠାରୁ ୬ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି । ଆଜି ସନ୍ଧ୍ୟାରେ ସେ ଭୁବନେଶ୍ୱରଠାରେ ପହଞ୍ଚିବେ । ଏହି ଗସ୍ତ କାଳରେ ରାଷ୍ଟ୍ରପତି ଖୋର୍ଦ୍ଧା, ଯାଜପୁର, ବାଲେଶ୍ୱର, ପୁରୀ ଏବଂ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ଶ୍ରୀମତୀ ମୁର୍ମୁ ଆସନ୍ତାକାଲି ବାଲେଶ୍ୱରସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟର ଦ୍ୱାଦଶ ସମାବର୍ତ୍ତନ ଉତ୍ସବରେ ମୁଖ୍ୟଅତିଥି ରୂପେ ଯୋଗଦେବା ସହିତ ନବନିର୍ମିତ ଅଡିଟୋରିୟମ୍‌କୁ ଉଦ୍‌ଘାଟନ କରିବେ । ବୁଧବାର ଦିନ ରାଷ୍ଟ୍ରପତି ଭଞ୍ଜବୀର ସୁନାରାମ ସୋରେନଙ୍କ ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରିବା ସହିତ ରାଇରଙ୍ଗପୁରର ମହୁଲଡିହାସ୍ଥିତ ସରକାରୀ ବାଳିକା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଙ୍କ ସହିତ ଭାବ ବିନିମୟ କରିବାର କାର୍ଯ୍ୟସୂଚୀ ରହିଛି । ଆସନ୍ତା ୬ ତାରିଖ ଦିନ ରାଷ୍ଟ୍ରପତି

ଶିମିଳିପାଳଠାରେ ଆଦିବାସୀ ସଂପ୍ରଦାୟର ମହିଳା ଓ ଯୁବକମାନଙ୍କ ସହିତ ଭାବ ବିନିମୟ କରିବାର କାର୍ଯ୍ୟସୂଚୀ ରହିଛି ।

ପରେ ସେ ଭୁବନେଶ୍ୱରରେ ରାଜ୍ୟ ସରକାର ଓ ଗ୍ଲୋବାଲ୍ ଫାଇନାନ୍ସ ଆଣ୍ଡ୍ ଟେକ୍ନଲୋଜି ନେଟଓ୍ୱର୍କ ମିଳିତ ସହଯୋଗରେ ଆୟୋଜିତ ହେବାକୁ ଥିବା ବ୍ଲକ୍ସ୍ୱାନ୍ ସମିଟ୍ ଇଣ୍ଡିଆରେ ଉଦ୍‌ବୋଧନ ଦେବେ । ଆସନ୍ତା ୭ ତାରିଖ ଦିନ ରାଷ୍ଟ୍ରପତି ଛତିଶଗଡ଼ ଗସ୍ତ କରି ଜଗଦଲପୁରରେ ହେବାକୁ ଥିବା ବସ୍ତର ପାଣ୍ଡୁମ୍-୨୦୨୬ ମହୋତ୍ସବର ଉଦ୍‌ଘାଟନ କରିବେ ।

## ରିଜିଜୁ-ମୋସନ ଅଫ୍ ଥ୍ୟାଙ୍କ୍ସ

ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି, ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ସଂକ୍ରାନ୍ତ ଆଲୋଚନା ପାଇଁ ଲୋକସଭାରେ ସମୁଦାୟ ୧୮ ଘଣ୍ଟା ସମୟ ରଖାଯାଇଛି । ସଂସଦ ବାହାରେ ସାମ୍ବାଦିକମାନଙ୍କୁ ସୂଚନା ଦେଇ ଶ୍ରୀ ରିଜିଜୁ କହିଛନ୍ତି, ଏହି ଆଲୋଚନା ୩ ଦିନ ଧରି ଚାଲିବ ଏବଂ ଆସନ୍ତା ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଲୋକସଭାରେ ଏହି ଆଲୋଚନାର ଉତ୍ତର ଦେବେ ।

ଅନ୍ୟପକ୍ଷରେ ରାଜ୍ୟସଭାରେ ଧନ୍ୟବାଦ ପ୍ରସ୍ତାବ ସଂକ୍ରାନ୍ତ ଆଲୋଚନା ପାଇଁ ସମୁଦାୟ ୧୬ ଘଣ୍ଟା ସମୟ ରଖାଯାଇଛି । ସେ କହିଛନ୍ତି ଏହି ପ୍ରକ୍ରିୟା ଶେଷ ହେବା ପରେ ଲୋକସଭାରେ କେନ୍ଦ୍ର ବଜେଟ୍ ୨୦୨୬-୨୭ ସଂକ୍ରାନ୍ତରେ ଆଲୋଚନା ହେବ ।

**V/O (Rijiju)**

## ଏଲ୍‌ଏସ୍-ଗାର୍ଲ ଏଜୁକେଶନ

ଦେଶରେ ସଂପ୍ରତି ୭ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରୀ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ସରକାର କହିଛନ୍ତି । ଲୋକସଭାରେ ଆଜି ଏକ ଅତିରିକ୍ତ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ୨ ଲକ୍ଷରୁ ଊର୍ଦ୍ଧ୍ୱ ଅନୁସୂଚିତ ଜାତି, ୧ ଲକ୍ଷ ୭୭ ହଜାର ଅନୁସୂଚିତ ଜନଜାତି ଏବଂ ୨ ଲକ୍ଷ ୬୪ ହଜାର ଅନ୍ୟ ପଛୁଆବର୍ଗର ଛାତ୍ରୀ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟରେ ସାମିଲ ଅଛନ୍ତି । ୨୦୦୪ ମସିହା ଜୁଲାଇ ମାସରେ ଏହି ଯୋଜନାର ଶୁଭାରମ୍ଭ କରାଯାଇଥିଲା । ଏହିସବୁ ସଂପ୍ରଦାୟର ବାଳିକାମାନଙ୍କ ପାଇଁ ପ୍ରାଥମିକ ସ୍ତରରେ ଆବାସିକ ବିଦ୍ୟାଳୟ ସ୍ଥାପନ ସହ ଶିକ୍ଷା ପ୍ରଦାନ ପାଇଁ ଏହି ଯୋଜନା କାର୍ଯ୍ୟକାରୀ କରାଯାଇଥିଲା ।

ଶ୍ରୀ ପ୍ରଧାନ କହିଛନ୍ତି, କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ସ୍ଥାପନ ପଛରେ ଆବାସିକ ବିଦ୍ୟାଳୟ ମାଧ୍ୟମରେ ଏହିସବୁ ପଛୁଆବର୍ଗର କନ୍ୟା ସନ୍ତାନମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନର ଲକ୍ଷ୍ୟ ରହିଛି । କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟଗୁଡ଼ିକରେ ନୂତନ ଯୋଜନା କାର୍ଯ୍ୟକାରୀ ଫଳରେ କନ୍ୟାସନ୍ତାନ ମାନଙ୍କ ସଂଖ୍ୟା ଅନୁପାତ ବୃଦ୍ଧି ପାଇଛି, ଯାହାକି ଏକ ଭଲ ସୂଚନା ବୋଲି ସେ କହିଛନ୍ତି ।

ସରକାର କନ୍ୟା ସନ୍ତାନମାନଙ୍କୁ ଶିକ୍ଷା ପ୍ରଦାନ ପ୍ରୋତ୍ସାହିତ କରିବା ଏବଂ ସେମାନଙ୍କୁ ସଶକ୍ତ କରିବା ଲାଗି ଦୃଢ଼ ପ୍ରତିଶ୍ରୁତିବଦ୍ଧ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

୨୦୨୬-୨୭ କେନ୍ଦ୍ର ବଜେଟ୍‌ରେ ସରକାର ଦେଶର ପ୍ରତିଟି ଜିଲ୍ଲାରେ ବାଳିକା ହଷ୍ଟେଲ୍ ସ୍ଥାପନ ପାଇଁ ଘୋଷଣା କରିଥିବା ଶ୍ରୀ ପ୍ରଧାନ ସୂଚନା ଦେଇଛନ୍ତି ।

---

## ଲୋକସଭା-ଇନ୍ସୁରାନ୍ସ

ଗତ ଆର୍ଥିକବର୍ଷରେ ୮ଲକ୍ଷ ୩୫ ହଜାରରୁ ଅଧିକ ବୀମା ଦାବି ଅର୍ଥ ପ୍ରଦାନ କରାଯାଇଛି ବୋଲି ଅର୍ଥରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ କହିଛନ୍ତି । ଲୋକସଭାରେ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ଚୌଧୁରୀ କହିଛନ୍ତି, ୨୦୧୪ ମସିହାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ବିଭିନ୍ନ ପ୍ରକାର ବୀମା ଯୋଜନା ପ୍ରଣୟନ କରିଛନ୍ତି । ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନାରେ ପ୍ରାୟ ୫୦ ପ୍ରତିଶତ ମହିଳା ଅନ୍ତର୍ଭୁକ୍ତ ଅଛନ୍ତି ବୋଲି ସେ ଗୃହରେ ସୂଚନା ଦେଇଛନ୍ତି । ବୀମାଧାରୀଙ୍କ ସ୍ୱାର୍ଥକୁ ସୁରକ୍ଷିତ କରିବା ଲକ୍ଷ୍ୟ ନେଇ ସରକାର ଭାରତୀୟ ବୀମା ନିୟାମକ ଓ ବିକାଶ ପ୍ରାଧିକରଣ ନାମକ ଏକ ସାମ୍ବିଧାନିକ ସଂସ୍ଥା କାର୍ଯ୍ୟକାରୀ କରିଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ଚୌଧୁରୀ କହିଛନ୍ତି ।

---

## ଜୟଶଙ୍କର-ୟୁଏସ୍ ଭିଜିଟ୍

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର ଆଜିଠାରୁ ଯୁକ୍ତରାଷ୍ଟ୍ର ଆମେରିକାକୁ ୩ ଦିନିଆ ଗସ୍ତରେ ଯିବେ । ସେଠାକାର ସଚିବ ମାର୍କୋ ରୁବିଓଙ୍କ ଆହ୍ୱାନରେ ହେବାକୁ ଥିବା ଖଣିଜ ସଂକ୍ରାନ୍ତ ମନ୍ତ୍ରୀସ୍ତରୀୟ ବୈଠକରେ ଯୋଗଦେବା ଲାଗି ଶ୍ରୀ ଜୟଶଙ୍କର ଏହି ଗସ୍ତ କରୁଛନ୍ତି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି, ଏହି ମନ୍ତ୍ରୀସ୍ତରୀୟ ବୈଠକରେ ଖଣିଜ ସମ୍ପଦ ବିନିଯୋଗରେ

ଯୋଗାଣ ଶୃଙ୍ଖଳ କ୍ଷେତ୍ରରେ ଆତ୍ମନିର୍ଭରଶୀଳତା, ସ୍ୱଚ୍ଛ ଶକ୍ତି ଚଳନ ଏବଂ ରଣନୈତିକ ସହଯୋଗ ପ୍ରସଙ୍ଗ ନେଇ ଆଲୋଚନା କରାଯିବ । ଏହି ଗସ୍ତକାଳରେ ଡକ୍ଟର ଜୟଶଙ୍କର ଆମେରିକା ପ୍ରଶାସନର ବରିଷ୍ଠ ସଦସ୍ୟମାନଙ୍କ ସହ ମଧ୍ୟ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି ।

---

## ବିବିସି ଆୱାର୍ଡସ୍

ବିବିସି ଭାରତୀୟ ମହିଳା କ୍ରୀଡ଼ାବିତ୍-୨୦୨୫ ପୁରସ୍କାର ପାଇଁ କ୍ରିକେଟ୍ ଖେଳାଳି ହରମନପ୍ରୀତ୍ କୌର, ସ୍ମୃତି ମନ୍ଧାନା ଏବଂ ଚେସ୍ ଖେଳାଳି ଦିବ୍ୟା ଦେଶମୁଖ ମନୋନୀତ ହୋଇଛନ୍ତି। ୨୦୨୫ରେ ହରମନପ୍ରୀତ୍ କୌରଙ୍କ ନେତୃତ୍ୱରେ ଭାରତୀୟ ମହିଳା କ୍ରିକେଟ୍ ଦଳ ଆଇସିସି ବିଶ୍ୱକପ୍ ଟାଇଟଲ୍ ହାସଲ କରିଥିଲା । ଦଳର ଉପଅଧିନାୟକ ସ୍ମୃତି ମାନ୍ଧାନା ମହିଳା ଆନ୍ତର୍ଜାତିକ କ୍ରିକେଟ୍‌ରେ ଜଣେ ଉତ୍କୃଷ୍ଟ ବ୍ୟାଟ୍‌ସମ୍ୟାନ୍ ଭାବେ ନିଜକୁ ପ୍ରତିପାଦନ କରିଛନ୍ତି । ଚେସ୍ ଖେଳାଳି ଦିବ୍ୟା ଦେଶମୁଖ ପ୍ରଥମ ଭାରତୀୟ ଭାବେ ଫିଡେ ମହିଳା ବିଶ୍ୱକପ୍ ଚେସ୍ ଚମ୍ପିୟାନ୍ ହେବା ସହ ସର୍ବକନିଷ୍ଠ ବିଜେତାର ମାନ୍ୟତା ପାଇଛନ୍ତି ।

---